ଓଡିଶା ପୋଲିସ

ମୁଖ୍ୟ କାର୍ଯ୍ୟାଳୟ, କଟକ

--------

# ପ୍ରେସ୍ ନୋଟ୍

## କଟକ ଠାରେ ୮୩ ତମ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ।

କଟକ ତା ୧.୪.୨୦୧୮ – ଓଡିଶା ପୋଲିସର ୮୩ ତମ ପ୍ରତିଷ୍ଠା ଦିବସ ଆଜି ପୂର୍ବାହ୍ନରେ କଟକ ରିଜର୍ଭ ପୋଲିସ ପଡିଆଠାରେ ମହା ସମାରୋହରେ ପାଳନ କରାଯାଇଅଛି । ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆୟୋଜିତ ଏକ ମନୋଜ୍ଞ ପରେଡରେ ଅଭିବାଦନ ଗ୍ରହଣ କରିବା ସଙ୍ଗେ ସଙ୍ଗେ ପୋଲିସ ସେବାରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ସଫଳ ଅଧିକାରୀ ଓ ପୋଲିସ କର୍ମଚାରୀଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କିଛି ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ସମସ୍ତ ପୋଲିସ କର୍ମଚାରୀଙ୍କୁ ପ୍ରତିଷ୍ଠା ଦିବସ ଉପଲକ୍ଷେ ଶୁଭେଚ୍ଛା ଜଣାଇଥିଲେ । ଏକ ଲୋକାଭିମୁଖି ଓ ସାଧାରଣ ଜନତାଙ୍କ ପାଖରେ ଉତ୍ତରଦାୟୀ ପୋଲିସ ବ୍ୟବସ୍ଥାହିଁ ଆମ ସମସ୍ତଙ୍କ ଲକ୍ଷ । ଗରିବ, ସଂଖ୍ୟାଲଘୁ, ଅନୁସୂଚିତ ଜାତି ଏବଂ ଜନଜାତି, ଭିନ୍ନକ୍ଷମ, ମହିଳା ଓ ଶିଶୁ ମାନଙ୍କୁ ସେବା ଯୋଗାଇ ଦେବାରେ ପୋଲିସକୁ ଅଧିକ ଦାୟିତ୍ୱ ଏବଂ ସମ୍ବେଦନତାର ସହ କାମ କରିବାକୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ । ସାଇବର ଅପରାଧ ଓ ଅର୍ଥନୈତିକ ଅପରାଧ କ୍ଷେତ୍ରରେ ପୋଲିସକୁ ସତର୍କତାର ସହ କାର୍ଯ୍ୟ କରିବାକୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ । ମହିଳା ସେଲ୍, ମହିଳା ଓ ଶିଶୁ ଡେସ୍କ, ପୋଲିସ ଫୋର୍ସର ଆଧୁନୀକିକରଣ ଓ ଦକ୍ଷତା ବୃଦ୍ଧି ଉପରେ ଅଧିକ ଧ୍ୟାନଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିଲେ ।

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ମଧ୍ୟ ଏହି ପ୍ରତିଷ୍ଠା ଦିବସ ଅବସରରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ **Model Police Station** ର ପ୍ରତିଷ୍ଠା, ଜିଲ୍ଲା ମାନଙ୍କରେ ମହିଳା **Counselling Centre** ର ସ୍ଥାପନ, **People–Friendly Policing** ଉପରେ ଗୁରୁତ୍ୱ ଦେବା ସହ **3-T** ମନ୍ତ୍ର ଯଥା **Transparency, Technology and Team Work** କୁ ଓଡିଶା ପୋଲିସରେ କାର୍ଯ୍ୟ କରାଯିବା କଥା କହିଥିଲେ । ଏକ ଲୋକାଭିମୁଖୀ, ଦକ୍ଷ, ସ୍ୱଚ୍ଛ ଓ ସମ୍ବେଦନଶୀଳ ପୋଲିସ ବାହିନୀ ଗଠନ ତାଙ୍କର ସ୍ୱପ୍ନ ବୋଲି ଡା. ଶର୍ମା ଏହି ଅବସରରେ ପ୍ରକାଶ କରିଥିଲେ । ପୋଲିସ ପ୍ରତିଷ୍ଠା ଦିବସ ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ଶୁଭେଚ୍ଛା ବାର୍ତ୍ତାକୁ ଆଇ.ଜି ଶ୍ରୀ ଅସିତ୍ କୁମାର ପାଣିଗ୍ରାହୀ ପାଠ କରିଥିଲେ ।

ଏହା ପରେ ମୁଖ୍ୟ ଅତିଥି ଉଲ୍ଲେଖନୀୟ ପୋଲିସ ସେବା ପାଇଁ କିଛି ପୋଲିସ ଅଧିକାରୀଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ଇନିସ୍ପେକ୍ଟର ଅରୁଣ କୁମାର ସ୍ୱାଇଁ, ଇନିସ୍‌ପେକ୍ଟର ରାଇସେନ ମୁର୍ମୁ, ଇନିସ୍‌ପେକ୍ଟର କଳ୍ପନା ସାହୁ, ସୁବେଦାର ବିଦ୍ୟାଧର ସେଠୀ, ସବ୍- ଇନିସ୍‌ପେକ୍ଟର ଭବାନୀ ପ୍ରସାଦ ମିଶ୍ର, ଏ.ଏସ୍.ଆଇ ପ୍ରକାଶ ଚନ୍ଦ୍ର ଦଳେଇ, ହାବିଲଦାର ଜେନାମଣୀ ଭୋଇ, ଟ୍ରାଫିକ କନେଷ୍ଟବଳ ସନ୍ତୋଷ କୁମାର ଛୁଆଳସିଂହ, କନେଷ୍ଟବଳ ଦୁସମନ୍ତ କୁମାର ପରିଡା, କନେଷ୍ଟବଳ ଜିଓଗ୍ରେ ଲାକ୍ରାଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଷଷ୍ଠ ସ୍ୱତନ୍ତ୍ର ସଶସ୍ତ୍ର ବାଟାଲିୟନ କଟକକୁ ଶ୍ରେଷ୍ଠ ବାଟାଲିୟନ ଭାବେ ପୁରସ୍କୃତ କରାଯାଇଥିଲା । ଆଜିର ଆନୁଷ୍ଠାନିକ ପରେଡରେ **SOG** ଦଳ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ **Odisha Industrial Security Force** ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ।

ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ, ଶ୍ରୀ ଏଲ.ସି.ଅମରନାଥନ, ଅବସର ପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଜୟ କୁମାର ଷଡଙ୍ଗୀ ଏବଂ ଅବସରପ୍ରାପ୍ତ ନିର୍ଗମନ ଅଧିକ୍ଷକ (ଲେବୁଲ-୧) ଶ୍ରୀ ଆକୁଳି ଚରଣ ପଣ୍ଡା ଙ୍କୁ ମଧ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା ।

ଆଜିର ଏହି ଆନୁଷ୍ଠାନିକ ପରେଡରେ ସର୍ବମୋଟ ଆଠ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ ଏବଂ ମୁଖ୍ୟ କମାଣ୍ଡର ଥିଲେ ନବ ନିଯୁକ୍ତ ଆଇ.ପି.ଏସ୍ ଅଧିକାରୀ ସୁଶ୍ରୀ ସାଗରିକା ନାଥ । ଆଇ.ଜି ଶ୍ରୀ ଅସିତ୍ କୁମାର ପାଣିଗ୍ରାହୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳନା କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ପୋଲିସ ଅଧିକାରୀ, ପୋଲିସ କର୍ମଚାରୀ, ବୁଦ୍ଧିଜିବୀ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇଥିଲେ ।

ଲୋକ ସମ୍ପର୍କ ଅଧିକାରୀ
ଓଡିଶା ପୋଲିସ ମୁଖ୍ୟ କାର୍ଯ୍ୟାଳୟ, କଟକ